# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 August – 2025

### News Editor : Tapan Kumar Moharana

**********************************

## ମୁଖ୍ୟ ସମ୍ବାଦ

- ଜାତୀୟ ରକ୍ତଶିକୁଳୀ ନିରାକରଣ ମିଶନ ଅଧୀନରେ ଜୁଲାଇ ମାସ ସୁଦ୍ଧା ୬ କୋଟିରୁ ଅଧିକ ଲୋକଙ୍କର କରାଯାଇଛି ସ୍ୱାସ୍ଥ୍ୟ ପରୀକ୍ଷା
- ସରକାରୀ ନିଯୁକ୍ତି ଆବେଦନପତ୍ରରେ ତୃତୀୟଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର ବର୍ଗ ଉଲ୍ଲେଖ କରିବା ନେଇ ସରକାରଙ୍କ ପକ୍ଷରୁ ସମସ୍ତ ବିଭାଗକୁ ଦିଆଗଲା ପୁନଃ ନିର୍ଦ୍ଦେଶ
- ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମକୁ ଅଧିକ ମହିଳା ବ୍ୟବହାର କରୁଛନ୍ତି; ପରିସଂଖ୍ୟାନ ତଥ୍ୟରୁ ମିଳିଲା ସୂଚନା

ଏବଂ

- ଓଡ଼ିଶା ଉପକୂଳ ଉତ୍ତର-ପଶ୍ଚିମ ବଙ୍ଗୋପ ସାଗରରେ ସୃଷ୍ଟିହେଲା ଲଘୁଚାପ କ୍ଷେତ୍ର

## ଜାତୀୟ ରକ୍ତଶିକୁଳୀ ନିରାକରଣ ମିଶନ

ଜାତୀୟ ରକ୍ତଶିକୁଳୀ ନିରାକରଣ ମିଶନ ଅଧୀନରେ ଗତ ମାସ ଶେଷ ସୁଦ୍ଧା ୬ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସାରିଛି। ପ୍ରଭାବିତ ୧୭ଟି ରାଜ୍ୟର ୩୦୦ ରୁ ଅଧିକ ଜିଲ୍ଲାରେ ଏହି ମିଶନ ଅଧୀନରେ ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୨ ଲକ୍ଷ ୧୮ ହଜାର ସିକିଲ ସେଲ୍ ରୋଗ ଦ୍ୱାରା ଆକ୍ରାନ୍ତ ଥିବା ଜଣାପଡିଛି। ଏହି ମିଶନ ଅଧୀନରେ ଓଡ଼ିଶା, ମଧ୍ୟପ୍ରଦେଶ, ଗୁଜରାଟ, ଛତୀଶଗଡ଼ ଏବଂ ମହାରାଷ୍ଟ୍ର ଉପରେ ଧ୍ୟାନ କେନ୍ଦ୍ରିତ ରହିଥିଲା। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟନୀତି ୨୦୧୭ ଆଧାରରେ ଏହି ମିଶନ ସମ୍ପର୍କରେ ଗତ ୨୦୨୩ ବଜେଟ୍‌ରେ ଘୋଷଣା କରାଯାଇଥିଲା। ଚଳିତ ଆର୍ଥିକବର୍ଷ ସୁଦ୍ଧା ୪୦ ବର୍ଷରୁ କମ୍ ଆୟୁ ବର୍ଗର ୭ କୋଟି ଯୁବକ-ଯୁବତୀଙ୍କୁ ମିଶନ ମୋଡ୍‌ରେ ଏହି ଅଭିଯାନ ଅଧୀନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି। ୨୦୪୭ ସୁଦ୍ଧା ସିକିଲ ସେଲ୍ ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ଲକ୍ଷ୍ୟ ନେଇ ଏହି ମିଶନକୁ କାର୍ଯ୍ୟକାରୀ କରାଯାଇଛି।

## ଫାସଟାଗ

ଜାତୀୟ ରାଜପଥଗୁଡ଼ିକରେ ଅଣ ବ୍ୟବସାୟିକ ଯାନ କିମ୍ବା ବ୍ୟକ୍ତିଗତ ଯାନ ପାଇଁ ୩ ହଜାର ଟଙ୍କାରେ ଫାସ୍‌ଟାଗ୍ ବାର୍ଷିକ ପାସ୍ ଗତ ୧୫ ତାରିଖ ସ୍ୱାଧୀନତା ଦିବସରୁ ପ୍ରଚଳନ ହୋଇଛି। ଜାତୀୟ ରାଜପଥ ଓ ଜାତୀୟ ଏକ୍ସପ୍ରେସ୍‌ୱେ ଟୋଲ ପ୍ଲାଜାରେ ଏହାର ବ୍ୟବହାର ଆରମ୍ଭ ହୋଇଛି।

ବାର୍ଷିକ ପାସ୍ ଦ୍ୱାରା କ୍ରୟ ତାରିଖଠାରୁ ୧ ବର୍ଷ କିମ୍ବା ୨୦୦ ଥର ଟୋଲ ପ୍ଲାଜା ଦେଇ ଯାତାୟତ କରିହେବ। ତେବେ ଯେଉଁମାନଙ୍କର ଗାଡ଼ିରେ ବର୍ତ୍ତମାନ ଫାସ୍‌ଟାଗ୍ ବ୍ୟବସ୍ଥା ରହିଛି, ସେମାନେ ବାର୍ଷିକ ପାସ୍ ନ କରି ପ୍ରଚଳିତ ନିୟମ ଅନୁସାରେ ଟୋଲ ପ୍ଲାଜା ଦେଇ ଯାତାୟତ କରିପାରିବେ। ପାସ୍ ମାଧ୍ୟମରେ ଗୋଟିଏ ଟୋଲ ଗେଟ୍ ଅତିକ୍ରମ କରିବା ପାଇଁ ୧୫ ଟଙ୍କା ଲାଗିବ। ଜାତୀୟ ରାଜପଥଗୁଡ଼ିକରେ ଥିବା ଟୋଲଗେଟ୍‌ରେ ଭିଡ ହ୍ରାସକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ଏହି ପଦକ୍ଷେପ ନେଇଛନ୍ତି। ଗତ ଜୁନ୍ ମାସ ୧୮ ତାରିଖରେ କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏହି ପାସ୍ ବ୍ୟବସ୍ଥାର ଘୋଷଣା କରିଥିଲେ।

ଟୋଲଗେଟ୍ ଦେଇ ୨୦୦ ଥର ଅତିକ୍ରମ କଲେ ଗାଡି ମାଲିକଙ୍କୁ ପ୍ରାୟ ୧୦ ହଜାର ଟଙ୍କା ଦେବାକୁ ପଡିଥାଏ। ସରକାରଙ୍କ ନୂଆ ବ୍ୟବସ୍ଥା ଅନୁସାରେ, ଜଣେ ଗାଡ଼ି ମାଲିକ ବାର୍ଷିକ ୭ ହଜାର ଟଙ୍କା ସଞ୍ଚୟ କରିପାରିବେ ଏବଂ ହାରାହାରି ପ୍ରତିଥର ଟୋଲଗେଟ୍ ଦେଇ ଅତିକ୍ରମ କରିବା ବେଳେ ପ୍ରାୟ ୩୫ ଟଙ୍କା ସଞ୍ଚୟ ହୋଇପାରିବ। ଅଧିକ ସୂଚନା ରାଜମାର୍ଗ ଯାତ୍ରା ଡଟ୍ ଏନ୍.ଏଚ୍.ଏ.ଆଇ ଡଟ୍ ଜିଓଭି ଡଟ୍ ଆଇ.ଏନ୍ ୱେବ୍‌ସାଇଟ୍‌ରେ ଉପଲବ୍ଧ।

## ପୁନର୍ବାର ପତ୍ର ଜାରି

ସରକାରୀ ନିଯୁକ୍ତି ଆବେଦନ ପତ୍ରରେ 'ତୃତୀୟ ଲିଙ୍ଗୀ'ଙ୍କ ପାଇଁ ସ୍ୱତନ୍ତ୍ର ବର୍ଗ ଉଲ୍ଲେଖ ରହିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପୁଣି ଥରେ ସମସ୍ତ ବିଭାଗକୁ ପତ୍ର ଲେଖାଯାଇଛି। ତୃତୀୟ ଲିଙ୍ଗୀଙ୍କ ପ୍ରତି ରହିଥିବା ବାଛବିଚାରକୁ ଦୂର କରିବା ପାଇଁ ତୃତୀୟ ଲିଙ୍ଗୀ ସୁରକ୍ଷା ଆଇନ୍-୨୦୧୯ ସରକାର ପ୍ରଣୟନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ନିଯୁକ୍ତି ପରୀକ୍ଷା ନିୟମରେ ପରିବର୍ତ୍ତନ କରି ତୃତୀୟ ଲିଙ୍ଗୀଙ୍କୁ ଏକ ସ୍ୱତନ୍ତ୍ର ବର୍ଗ ଭାବେ ସାମିଲ କରିବା ନିମନ୍ତେ ଗତ ମାର୍ଚ୍ଚ ମାସରେ ସବୁ ବିଭାଗକୁ କୁହାଯାଇଥିଲା। ଜାରି କରାଯାଇଥିବା ପତ୍ରରେ କୁହାଯାଇଛି, ଯେ ଅନ୍‌ଲାଇନ୍ କିମ୍ବା ସିଧାସଳଖ ଆବେଦନ ପତ୍ରରେ ତୃତୀୟ ଲିଙ୍ଗୀଙ୍କ ପାଇଁ ଏକ ସ୍ତମ୍ଭ-ବାକ୍ସ ଉପଲବ୍ଧ ରହିବ।

## ବୈଠକ

ସହରାଞ୍ଚଳ ଶାସନ ଓ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜନସେବା ଅଧିକାର-ଆରଟିପିଏସ୍ ଆଇନ୍ ଉପରେ ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ ଏଥିରେ ଅଧ୍ୟକ୍ଷତା କରି ଜନସେବା ଅଧିକାର ଆଇନ କେବଳ ସେବା ପ୍ରଦାନର ଏକ ଉପକରଣ ନୁହେଁ, ଏହା ଶାସନକୁ ପୁନଃ ପରିଭାଷିତ କରିବା ପାଇଁ ଏକ ପ୍ରତିବଦ୍ଧତା ବୋଲି କହିଛନ୍ତି।

ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ, ଦକ୍ଷତା ଏବଂ ସ୍ୱଚ୍ଛତାକୁ ଅନ୍ତର୍ଭୁକ୍ତ କରି ଏଭଳି ସହର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି, ଯେଉଁଥିରେ ନାଗରିକମାନେ ଶାସନକୁ ଏକ ଅଧିକାର ଭାବରେ ଅନୁଭବ କରିବେ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

ବିଡିଏର ଉପାଧ୍ୟକ୍ଷ ଡକ୍ଟର ଏନ୍.ତିରୁମାଲା ନାୟକ, ପୌର ପରିଷଦ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ, ସିଓ୍ୱାଇଏସ୍‌ଡିର ସହପ୍ରତିଷ୍ଠାତା ଜଗଦାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ମହାକାଶଚାରୀଙ୍କ ଭାରତ ପ୍ରତ୍ୟାବର୍ତ୍ତନ

ମହାକାଶଚାରୀ ଭାରତୀୟ ବାୟୁସେନାର ଗ୍ରୁପ କ୍ୟାପଟେନ ଶୁଭାଂଶୁ ଶୁକ୍ଳା ଆଜି ଆମେରିକାରୁ ଭାରତକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଦିଲ୍ଲୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ତାଙ୍କୁ ଆଜି ସକାଳେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଥମ ଭାରତୀୟଭାବେ ଆକ୍ସିଓମ୍-୪ ମିଶନରେ ମହାକାଶଚାରୀଭାବେ ଶୁଭାଂଶୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ସଫଳ ଯାତ୍ରା କରି ଗତ ମାସ ୧୫ତାରିଖରେ ପୃଥିବୀ ପ୍ରତ୍ୟାବର୍ତ୍ତନ କରିଥିଲେ । ପରେ ସ୍ୱାସ୍ଥ୍ୟଗତ ପରିବର୍ତ୍ତନ ସକାଶେ ଶୁଭାଂଶୁ ଆମେରିକାରେ ରହିଥିଲେ ।

## ଓଡ଼ିଶା ଯାତ୍ରୀ ଆପ୍

ଓଡ଼ିଶା ଯାତ୍ରୀ ଗମନାଗମନ ବ୍ୟବସ୍ଥା ଉପରେ ଅଧିକରୁ ଅଧିକ ମହିଳା ଦିନକୁ ଦିନ ଭରସା କରୁଥିବା ଏକ ପରିସଂଖ୍ୟାନରୁ ଜଣାପଡିଛି। ଓଡ଼ିଶା ଯାତ୍ରୀ ଆପ୍ ପ୍ଲାଟଫର୍ମରୁ  ମିଳିଥିବା ସୂଚନା ଅନୁଯାୟୀ, ୫୭ ଦଶମିକ ୪/୪ ପ୍ରତିଶତରୁ ଅଧିକ ମହିଳା ଏହାର ବ୍ୟବହାର କରୁଛନ୍ତି। ୨୦୨୪ ଅକ୍ଟୋବରରୁ ୨୦୨୫ ଜୁଲାଇ ଅର୍ଥାତ୍ ଗତ ୧୦ ମାସ ମଧ୍ୟରେ 'ଓଡ଼ିଶା ଯାତ୍ରୀ' ବ୍ୟବସ୍ଥା ବ୍ୟବହାର କରିଥିବା ମୋଟ୍ ୨ ଲକ୍ଷ ୫୭ ହଜାର ଯାତ୍ରୀଙ୍କ ମଧ୍ୟରୁ ୧ ଲକ୍ଷ ୪୮ ହଜାରରୁ ଅଧିକ ମହିଳା ଅଛନ୍ତି।

୨୦୨୪ ମସିହା ଅକ୍ଟୋବର ମାସରେ ଓଡ଼ିଶା ଯାତ୍ରୀ ଆପ୍ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୨୦୨୫ ଜାନୁୟାରୀ ମାସରେ ଓଡିଶା ଯାତ୍ରୀ ଆପ୍‌ର ଶୁଭାରମ୍ଭ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଗତ ଜାନୁୟାରୀ ମାସରେ ୬୧ ଦଶମିକ ୬/୩ ପ୍ରତିଶତ ଏବଂ ଜୁଲାଇରେ ୫୫ ଦଶମିକ ୩/୩ ପ୍ରତିଶତ ମହିଳା ଏହାର ବ୍ୟବହାର କରିଥିଲେ, ଯାତ୍ରା ପୁରୁଷ ଯାତ୍ରୀଙ୍କଠାରୁ ଅଧିକ।

ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି, ପ୍ରବର୍ତ୍ତନ ଓ ପରିବହନ କର୍ତ୍ତୃପକ୍ଷଙ୍କ ସହିତ ଓଡ଼ିଶା ଯାତ୍ରୀ ଆପ୍‌ର ସମନ୍ୱୟ ମହିଳା ଓ ଅନ୍ୟାନ୍ୟ ଦୁର୍ବଳ ବର୍ଗଙ୍କ ପାଇଁ ଏକ ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ଯାତାୟତ ଅଭିଜ୍ଞତା ସୃଷ୍ଟି କରିଛି। ଓଡ଼ିଶା ଯାତ୍ରୀ, ଓଡ଼ିଶା ରାଜ୍ୟ

ପରିବହନ ପ୍ରାଧିକରଣ ମିଳିତଭାବରେ ୩୦ ହଜାରରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କୁ ମାଗଣା ଯାତ୍ରା ପ୍ରଦାନ କରିଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି ।

## ଝାରସୁଗୁଡା-ବିମାନଚଳାଚଳ

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଭୁବନେଶ୍ୱର ବିମାନ ବନ୍ଦରରେ ଭୁବନେଶ୍ୱରରୁ ଝାରସୁଗୁଡା ପର୍ଯ୍ୟନ୍ତ ସିଧାସଳଖ ବିମାନ ସେବାର ଶୁଭାରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ ପଶ୍ଚିମ ଓଡିଶାକୁ ରାଜଧାନୀ ସହ ନିକଟତର କରିବ ଏବଂ ଶିଳ୍ପ ଅଭିବୃଦ୍ଧି, ପର୍ଯ୍ୟଟନ ଓ ସାଂସ୍କୃତିକ ଆଦାନ ପ୍ରଦାନକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ୭୬ସିଟ୍ ବିଶିଷ୍ଟ ଏହି ବିମାନ, ବିମାନ ଯୋଜନାରେ ଚଳାଚଳ ଆରମ୍ଭ କରିଛି । ବିମାନଟି ବର୍ତ୍ତମାନ ସପ୍ତାହର ପାଞ୍ଚଦିନ ଯାତ୍ରା କରିବ । ଖୁବ୍ ଶୀଘ୍ର ଏହାକୁ ଦୈନିକ ବିମାନ ସେବାରେ ପରିଣତ କରାଯିବ ବୋଲି ଜଣାପଡିଛି ।

### ଭିଜନ-ଆଇ.ଏ.ଏସ

ଆକାଂକ୍ଷା ଅଭିଯାନ ଅଧୀନରେ କଳାହାଣ୍ଡି ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ପ୍ରଶାସନିକ ସେବା ପରୀକ୍ଷା ନିମନ୍ତେ ପ୍ରଶିକ୍ଷଣ ଦିଆଯିବାକୁ ବ୍ୟବସ୍ଥା କରାଯାଇଛି । ଜିଲ୍ଲା ପ୍ରଶାସନ ଏବଂ ନୂଆଦିଲ୍ଲୀ ସ୍ଥିତ ଭିଜନ-ଆଇ.ଏ.ଏସ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ

ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯିବ। ପ୍ରତ୍ୟେକବର୍ଷ ୬୦ ଜଣ ଛାତ୍ରଛାତ୍ରୀଙ୍କୁ ଲିଖିତ ପରୀକ୍ଷା ଏବଂ ସାକ୍ଷାତକାର ମାଧ୍ୟମରେ ଚୟନ କରାଯାଇ ଆଇ.ଏ.ଏସ୍ ପରୀକ୍ଷା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ମାସ ୨୨ ତାରିଖରୁ ଅନ୍‌ଲାଇନ୍ ମାଧ୍ୟମରେ ଯୋଗ୍ୟ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଆସନ୍ତା ସେପ୍ଟେମ୍ବର ୨୧ ତାରିଖରେ ଚୟନ ପରୀକ୍ଷା ଅନୁଷ୍ଠିତ ହେବା ପରେ ଅକ୍ଟୋବର ମାସ ପ୍ରଥମ ସପ୍ତାହରୁ ଭବାନୀପାଟଣାରେ ପ୍ରଶିକ୍ଷଣ ଆରମ୍ଭ ହେବ।

## ସ୍ମାରକୀ ଦିବସ

ବ୍ରିଟିଶ ଶାସନ ବିରୋଧରେ ପ୍ରତିବାଦ କରି ୧୯୪୨ ମସିହା ଭାରତଛାଡ ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା 'କର ବା ମର' ଡାକରା ଦିଆଯାଇଥିଲା। ସେହି ସମୟରେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରି ଥାନା ପୋଡି ହୋଇଥିବାରୁ ତାହାକୁ ସ୍ମରଣ କରାଯାଇ ଆଜି ସ୍ମାରକୀ ଦିବସ ପାଳନ କରାଯାଉଛି। ୧୬ ନମ୍ବର ଜାତୀୟ ରାଜପଥ ଭଣ୍ଡାରିପୋଖରି ବ୍ଲକ୍‌ର କହରା ପୋଖରୀଠାରେ ଜିଲ୍ଲା ପ୍ରଶାସନ, ଜନପ୍ରତିନିଧି, ପୁଲିସ୍, ଛାତ୍ରଛାତ୍ରୀ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଛନ୍ତି।

# ପରିଚାଳନା କମିଟି

ସପ୍ତାହକ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚାଳନା କମିଟି ଗଠନ ନେଇ ସବୁ ପ୍ରକ୍ରିୟା ଶେଷ ହୋଇଛି। କମିଟି ଗଠନ ପରେ ରତ୍ନଭଣ୍ଡାର ଅଳଙ୍କାରର ଗଣତି-ମଣତି କରାଯିବ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଦୁଇଜଣ ଅଧିକାରୀ ନିଯୁକ୍ତ ହୋଇସାରିଛନ୍ତି। ସେମାନଙ୍କ ଉପସ୍ଥିତିରେ ଗଣତି-ମଣତି ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ଗୋକୁଳାନନ୍ଦ ପରଲୋକ

ବିଶିଷ୍ଟ ଗଣିତଜ୍ଞ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ପରଲୋକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ସେ କହିଛନ୍ତି, ଗୋକୁଳାନନ୍ଦ ଜଣେ ଉତ୍କର୍ଷ ବିଦ୍ୱାନ ଭାବରେ ଶିକ୍ଷାଦାନ ଓ ଗବେଷଣା ପ୍ରତି ବିଶେଷ ଆଗ୍ରହ ରଖୁଥିଲେ। ଆଧ୍ୟାତ୍ମିକତା ଓ ଲୋକପ୍ରିୟ ବିଜ୍ଞାନ ଉପରେ ମଧ୍ୟ ସେ ଲେଖନୀ ଚାଳନା କରିଥିଲେ। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ କେନ୍ଦ୍ରମନ୍ତ୍ରୀ ସମବେଦନା ଜଣାଇଛନ୍ତି।

# ଆସ ସ୍କୁଲ ଯିବା ଅଭିଯାନ

ଚଳିତ ଶିକ୍ଷା ବର୍ଷରେ ସାରା ରାଜ୍ୟରେ 'ଆସ ସ୍କୁଲ ଯିବା' ଅଭିଯାନ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା, ବିଦ୍ୟାଳୟ ଯାଇ ନ ଥିବା ପିଲାଙ୍କୁ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇବା ଏବଂ ପିଲାମାନେ ପାଠପଢା ନ ଛାଡିବା ପାଇଁ ଆବଶ୍ୟକ ପ୍ରତିକାରାତ୍ମକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା ।

## ପାଣିପାଗ

ଓଡ଼ିଶା ଉପକୂଳ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ଚାରିଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୨୪ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।